# Akashvani, Sambalpur

## SAMBALPURI NEWS EVENING BULLETIN

**31 March 2024- 7.02 pm- 7.12 pm.**

**********************************************

୧- ଆଘର୍ ଉପ ପ୍ରଧାନ୍‌ମନ୍ତ୍ରୀ ଲାଲ୍‌କୃଷ୍ଣ ଆଡ଼୍‌ଭାନୀଙ୍କୁ ଭାରତରତ୍ନଥି ସମ୍ମାନିତ୍ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

୨- ଦେଶର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପାଲିତ୍ ହେଉଛେ ଇଷ୍ଟର୍ ପରବ ।

୩- ରାଏଜେ ଆଏବା ମଙ୍ଗଲ୍‌ବାର୍‌ନୁ ସ୍କୁଲ୍‌ମାନ୍‌କୁ ହେବା ସଖାଲ୍‌ପଢ଼ା ।

ଆଉର୍

୪- ରାଜ୍ୟର୍ ଖୋବ୍ ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ୨ ନୁ ୪ ଡିଗ୍ରୀତକ୍ କମ୍‌ବା ତାତି ।

ଆଡ଼୍‌ଭାନୀ-ଭାରତ୍ ରତ୍ନ        ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଆଘର୍ ଉପ ପ୍ରଧାନ୍‌ମନ୍ତ୍ରୀ ଲାଲ୍‌କୃଷ୍ଣ ଆଡ଼୍‌ଭାନୀଙ୍କୁ ଦେଶର୍ ସର୍ବୋଚ୍ଚ ବେସାମରିକ

ସମ୍ମାନ୍ - ଭାରତ୍ ରତ୍ନଥି ସମ୍ମାନିତ୍ କରିଛନ୍ । ଶ୍ରୀ ଆଡ଼ଭାନୀଙ୍କର୍ ନୂଆଦିଲ୍ଲୀ ନ ଥିବା ଘର୍‌କେ ଯାଇକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶ୍ରୀ ଆଡ଼ଭାନୀଙ୍କୁ ସମ୍ମାନିତ୍ କରିଥିଲେ । ଇ ଅବ୍‌ସରେ ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନଖଡ୍ ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଲ୍ ଉପସ୍ଥିତ୍ ଥିଲେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାମାଜିକ ଗଣମାଧ୍ୟମ୍‌ଥି ପୋଷ୍ଟ୍ କରିକରି କହିଛନ୍ ଯେ, ଲାଲ୍‌କୃଷ୍ଣ ଆଡ଼ଭାନୀ ୭୦ ବଛର୍‌ନୁ ଅଏତ୍‌କା ସମିଆ ଧରିକରି ଦେଶ୍ ଲାଗି ଖୋବ୍ ନିଷ୍ଠା ଆର୍ ଦକ୍ଷତାର୍ ସଙ୍ଗେ କାମ୍ କରିଛନ୍ । ଗୃହମନ୍ତ୍ରୀ ଆର୍ ଉପପ୍ରଧାନ୍‌ମନ୍ତ୍ରୀ ଭାବେ ସେ ସବୁବେଲେ ଜାତୀୟ ସ୍ୱାର୍ଥକେ ପ୍ରାଧାନ୍ୟ ଦେଇଥିଲେ । ସେଥିର୍‌ଲାଗି ସେ ଦଲ୍ ବାହାରେ ଭିଲ୍ ଲୁକ୍‌କର୍ ସମ୍ମାନ୍ ଆର୍ ପ୍ରଶଂସା ପାଇଛନ୍ ।

ଇଷ୍ଟର୍ ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ଭିନ୍ ଭିନ୍ ଇଲାକା ନ ଆଏଜ୍ ଖ୍ରୀଷ୍ଟଧର୍ମକେ ମାନୁଥିବା ଭାଏବହେନ୍‌ମାନେ ଖୋବ୍ ସର୍‌ଧାର୍ ସଙ୍ଗେ ଇଷ୍ଟର୍ ପରବ ପାଲନ୍ କରିଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନଖଡ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆର୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଖ୍ରୀଷ୍ଟଧର୍ମକେ ମାନୁଥିବା ଭାଏବହେନ୍‌ମାନ୍‌କୁ

ଇଷ୍ଟର୍ ପରବ୍‌ର ଶୁଭେଚ୍ଛା ଜନେଇଛନ୍ । ଯୀଶୁଖ୍ରୀଷ୍ଟଙ୍କର୍ ପୁର୍ନରୁତ୍‌ଥାନ୍‌ର ପ୍ରତୀକ୍ ଭାବେ ପାଲନ୍ କରାଯାଉଥିବା ଇଷ୍ଟର୍ ଆମ୍‌କୁ ତ୍ୟାଗ୍ ଆର୍ କ୍ଷମାର ବାଟ୍ ଦେଖାସି । ଯୀଶୁଖ୍ରୀଷ୍ଟ ଆମ୍‌କୁ ଶାନ୍ତି ଆଉ ସଦ୍‌ଭାବର ଶିକ୍ଷା ଦେଇଛନ୍ ବଲି ରାଷ୍ଟ୍ରପତି ତାଁକର୍ ବାର୍ତାଥି କହିଛନ୍ ।

ବିଶ୍ୱାସ ରହିଛେ ଯେ, ପ୍ରଭୁ ଯୀଶୁ ଶୁଭ ଶୁକ୍ରବାର୍ ଗୁଡ୍‌ଫ୍ରାଇଡ଼େ ଦିନ କ୍ରୁଶବିଦ୍ଧ ହେବାର୍ ୩ ଦିନ୍ ଉତାରୁ ରଏବାର୍ ଦିନ ଫେର୍‌ଘାଏ ଜୀବନ୍ ପାଇଥିଲେ । ପ୍ରଭୁ ଯୀଶୁଙ୍କର୍ ଇ ପୁନରୁତ୍‌ଥାନ୍‌କେ ସାରା ପୁର୍‌ଥି ନ ଇଷ୍ଟର୍ ପରବ୍ ଭାବେ ପାଲନ୍ କରାଯାଏସି । ଇଷ୍ଟର୍ ପରବ୍ ସାଙ୍ଗେ ୪୦ ଦିନ୍ ଧରିକରି ଚାଲିଥିବା ଲେଂଟ୍ ମାସ୍ ଶେଷ୍ ହେସି । ଆଏଜ୍ ରାଏଜର୍ ଭିନ୍ ଭିନ୍ ଗିର୍ଜାଘର୍‌ମାନ୍‌କୁ ଇଷ୍ଟର୍ ପରବ୍ ଲାଗି ଖାସ୍ କାର୍ଯ୍ୟକ୍ରମ୍‌ମାନ୍ ହେଇଛେ । ଖ୍ରୀଷ୍ଟଧର୍ମକେ ମାନୁଥିବା ଲୁକେ ନିଜର୍ ଲୋକ୍‌ବାକ୍‌କର୍ ସମାଧି ଜାଗା ନ ଫୁଲ୍ ଅର୍ପିକରି ମହମ୍‌ବତୀ ଜଲେଇକରି ପରବ୍ ମନାସନ୍ । ଇତାର୍‌ସଙ୍ଗେ ପବିତ୍ର ବାଇବେଲ୍ ଭିଲ୍ ପାଠ୍ କରାଯାଇଛେ ।

କେନ୍ଦ୍ରୀୟ ବିଦ୍ୟାଳୟ- ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ରୀୟ ବିଦ୍ୟାଳୟର୍ ପ୍ରଥମ ଶ୍ରେଣୀଥି ନାଁଲେଖା ଲାଗି ଆଏବାକାଏଲ୍ ସୋମ୍‌ବାର୍ ଦିନୁ ପଞ୍ଜିକରଣ୍ ମୁଲ୍

ହେଇକରି ଏପ୍ରିଲ୍ ୧୫ ତାରିଖ୍‌ତକ୍ ଚାଲ୍‌ବା ବଲି କେନ୍ଦ୍ରୀୟ ବିଦ୍ୟାଲୟ ସଂଗଠନ୍ ତର୍‌ଫୁ ବିଜ୍ଞପ୍ତି ବାହାର୍ କରାଯାଇଛେ । ବିଜ୍ଞପ୍ତି ଅନ୍‌ସାରେ ଅଭିଭାବକ୍‌ମାନେ ମନୋନୀତ କେନ୍ଦ୍ରୀୟ ବିଦ୍ୟାଲୟଥି ନିଜର୍ ପିଲାକର୍ ନାଁଲେଖା ଲାଗି ଅନ୍‌ଲାଇନ୍‌ଥି ପଞ୍ଜିକରଣ୍ କରିପାର୍‌ବେ । ଏପ୍ରିଲ୍ ୧୯ ତାରିଖ୍ ଦିନ ପ୍ରଥମ୍ ପ୍ରଭିଜ୍‌ନାଲ୍ ଲିଷ୍ଟ୍ ବାହାର୍‌ବା । ସେନ୍ତା ଦ୍ୱିତୀୟ ପ୍ରଭିଜନାଲ୍ ଲିଷ୍ଟ୍ ଏପ୍ରିଲ୍ ୨୯ ତାରିଖ୍ ଆର୍ ତୃତୀୟ ପ୍ରଭିଜନାଲ୍ ଲିଷ୍ଟ ମେ ୮ ତାରିଖ୍ ଦିନ ବାହାର୍‌ବା ଆଉ ହେ ଲିଷ୍ଟ୍ ଅନ୍‌ସାରେ ଛାତ୍ରଛାତ୍ରୀମାନ୍‌କର୍ ନାଁଲେଖାଯିବା ।

ସୁନ୍ଦର୍‌ଗଡ଼୍ ନିର୍ବାଚନ୍ ମଣ୍ଡଲୀ ଆର୍‌ଏନ୍‌ୟୁ/ କଟକ୍

ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ୫ ନମ୍ବର୍ ଖେପେ ଆଏବା ମେ ୨୦ ତାରିଖ୍ ସାଧାରଣ ନିର୍ବାଚନ୍ ଲାଗି ଭୋଟ୍ ହେବା । ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ସୁନ୍ଦର୍‌ଗଡ଼୍ ଜିଲ୍ଲା ପ୍ରତିନିଧି ସଞ୍ଜୟ କୁମାର୍ ଦାସ କହିଛନ୍...

(ଭଏସ୍ ଓଭର୍-ସଞ୍ଜୟ ଦାସ)

ପୁରୀ ଶ୍ରୀମନ୍ଦିର-ଖସାପଡ଼ା ଲାଗି ନୀତି ଆର୍‌ଏନ୍‌ୟୁ/ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ଚୈତ୍ କୃଷ୍ଣ ସପ୍ତମୀ ତିଥିଥି ଶ୍ରୀବିଗ୍ରହମାନ୍‌କର୍ ଖସାପଡ଼ା ଲାଗି ନୀତି ହେବା । ହେଥିର୍‌ଲାଗି ଆଏବା କାଏଲ୍ ଦ୍ୱିତୀୟ ଭୋଗମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ଉପର୍‌ବେଲା ୬ ନୁ ରାତି ୧୦ ବଜାତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀଜଗନ୍ନାଥ୍ ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଖସାପଡ଼ା ଲାଗି ହେଉଛେ ଗୁଟେ ଗୁପ୍ତ ନୀତି । ଇ ନୀତି ଶ୍ରୀଜୀଉଙ୍କର୍ ଶ୍ରୀପୟର ର ସୁରକ୍ଷା ଲାଗି କରାଯାଏସି । ମାହାପୁରୁଙ୍କର୍ ଶ୍ରୀପୟରକେ ଧୋପ୍ କପ୍‌ଡ଼ାଥି ଢାପି ଦିଆଯାଏସି । ଇ ନୀତି ଲାଗି ଆଘର୍ ଦିନୁ ଦେଉଳକରଣ ଧୋପ୍‌କପ୍‌ଡ଼ା ଧୁଇ ଶୁଖେଇକରି ଗାରଦ ନ ଜମା ଦେସନ୍ । ସେନ୍ତା ଶୁଦ୍ଧ ସୁଆର ଖଲି ଆର୍ କଇଁଥଅଠା ଯୁଗାସନ୍ । ମଏଧାନର୍ ଧୁପ ଉତ୍‌ରୁ ଜୟବିଜୟ ଦ୍ୱାର ବନ୍ଦ୍ କରାଯାଏସି । ବେହେରେଣ ଦୁଆର ଦେଇକରି ଦଇତାପତିମାନେ ଗର୍ଭଗୃହକେ ଯାଇକରି ରତ୍ନସିଂହାସନ ଉପ୍‌ରେ ମାହାପୁରୁଙ୍କର୍ ଇ ଗୁପ୍ତନୀତି କର୍‌ସନ୍ ।

ସଖାଲ୍ ସ୍କୁଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ମଙ୍ଗଲ୍‌ବାର୍‌ନୁ ସ୍କୁଲ୍‌ମାନ୍‌କୁ ସଖାଲର୍ ୭ ନୁ ସାଢ଼େ ୧୧ ବଜେତକ୍ ପଢ଼ାହେବା ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଇ ନିର୍ଦ୍ଦେଶ୍‌ନାମା ରାଜ୍ୟର୍ ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍‌ପ୍ରାପ୍ତ ଆର୍ ବେସର୍‌କାରୀ ସ୍କୁଲ୍ ମାନ୍‌କର୍ ଲାଗି ଲାଗୁ ହେବା ବଲି ସ୍ପଷ୍ଟ୍ କରାଯାଇଛେ । ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ ଦୁର୍ଗାପ୍ରସାଦ୍ ମହାପାତ୍ର କହିଛନ୍ ଯେ, ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ରାଏଜେ ୧ ନୁ ୧୨ କ୍ଲାସ୍‌ତକ୍ ସ୍କୁଲ୍ ସମିଆ ବଦ୍‌ଲା ଯାଇଛେ । ଇତାର୍‌ସଙ୍ଗେ ସ୍କୁଲ୍‌ମାନ୍‌କୁ ପିଇବାର୍ ପାଏନ୍, ଓଆର୍‌ଏସ୍ ପେକେଟ୍ ରଖିବାର୍ ସଙ୍ଗେ ବାକି ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଜିଲ୍ଲାପାଲ୍‌ମାନେ ନିଜର୍ ଜିଲ୍ଲାମାନ୍‌କର୍ ପାଗ୍‌ର ଥିତି ଦେଖିକରି ସ୍କୁଲ୍ ସମିଆ ବାବ୍‌ଦେ ନିଷ୍ପତି ନେଇପାର୍‌ବେ ବଲି ସ୍କୁଲ୍ ଆଉ ଗଣଶିକ୍ଷା ବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ କହିଛନ୍ ।

ସେଆଡ଼େ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ୨୦୨୪-୨୫ ଶିକ୍ଷାବଛର୍‌ର କେଲେଣ୍ଡର୍ ବାହାରିଛେ । କେଲେଣ୍ଡର୍‌ଥି ପ୍ରାଥମିକ ଆଉ ମାଧ୍ୟମିକ ଶ୍ରେଣୀର ଛୁଟି ବାବଦ୍ ସୂଚ୍‌ନା ଦିଆଯାଇଛେ । ସେ ଅନ୍‌ସାରେ ଶିକ୍ଷାବଛର୍‌ଥି ୨ ଶହ ୩୧ ଟା କାର୍ଯ୍ୟଦିବସ୍ ଥିବାର୍ ବେଲେ

ଇ ବଛର୍ ମେ ୬ ତାରିଖ୍‌ନୁ ଜୁନ୍ ୧୭ ତାରିଖ୍‌ତକ୍ ଖରାଛୁଟି ହେବା ।

ସମ୍ବଲ୍‌ପୁର୍- ଅଏତ୍‌କା ଚେକ୍‌ପୋଷ୍ଟ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ସହର୍‌ଥି ପୁଲିସ୍ ସେବାକେ ଉନ୍ନତ କର୍‌ବାର୍ ଲାଗି ଜିଲ୍ଲା ପୁଲିସ୍ ତର୍‌ଫୁ ସହରର୍ ଭିନ୍ ଭିନ୍ ଜାଗା ନ ୮ ଟା ଚେକ୍‌ପୋଷ୍ଟ୍ ବସାଯାଇଛେ ବଲି ଏସ୍.ପି. ମୁକେଶ୍ କୁମାର୍ ଭାମୁ କହିଛନ୍ । ସେ କହିଛନ୍, ନିର୍ବାଚନ୍ ଆୟୋଗଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ନାକାବନ୍ଦୀ ଜୋର୍‌ଦାର୍ କରାଯାଇଥିବାର୍ ବେଲେ ଏବ୍‌ତକ୍ ଦୁର୍ଗାପାଲି, ଜିଲ୍ଲାସ୍କୁଲ୍‌ଛକ୍, ଚାଉଁର୍‌ପୁର୍ ସହେତେ ୮ ଟା ଜାଗା ନ ଚେକ୍‌ପୋଷ୍ଟ୍ ବସାଯାଇଛେ । ସହରର୍ ମଝାନ ଥିବା ଫ୍ଲାଏଓଭର୍ ଦେଇକରି ଯେନ୍ତା କେହି ଅପରାଧୀ ଭାଗି ଯାଇ ନାଇଁ ପାରନ୍ ସେଥିର୍‌ଲାଗି ଫ୍ଲାଏଓଭର୍ ମଝାନ ଭିଲ୍ ଗୁଟେ ଚେକ୍‌ପୋଷ୍ଟ୍ କରାଯାଇଛେ । ସହରେ ଆଉ ୫ ନୁ ୬ ଟା ଚେକ୍‌ପୋଷ୍ଟ୍ ବସାବାର୍ ଯୋଜ୍‌ନା ରହିଛେ ବଲି ସେ କହିଛନ୍ । (ଭଏସ୍ ଓଭର୍- ଏସ୍.ପି.)

ହୀରାକୁଦ୍- ଝାଡ଼ାବାନ୍ତି ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ହୀରାକୁଦ୍ ଇଲାକା ନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କର୍ ସଂଖ୍ୟା ୨ ଶହ ଡେଗିଛେ ବଲି ସର୍‌କାରୀ ଭାବେ ସୂଚ୍‌ନା ମିଲିଛେ । ଆଏଜ୍ ଗୁଟେ ଦିନ ୭ ଝନ୍ ଝାଡ଼ାବାନ୍ତି ଆକ୍ରାନ୍ତ ହୀରାକୁଦ୍ ହାସ୍‌ପାତାଲ୍‌କେ ଆସିଥିବାର୍ ବେଲେ ୨ ଝନ୍‌କୁ ହାସ୍‌ପାତାଲ୍ ନ ଭର୍ତି କରାଯାଇଛେ ବଲି ମେଡ଼ିକାଲ୍ ଅଫିସର୍ ଡାକ୍ତର୍ ଅନ୍‌ମୋଲ୍ ମିଞ୍ଜ୍ କହିଛନ୍ । ତାକର୍ ସୂଚ୍‌ନା ଅନ୍‌ସାରେ ବାକି ୫ ଝନ୍‌କୁ ଆଉଟ୍‌ଡୋର୍ ନ ଚିକିତ୍ସା କରିକରି ଘର୍‌କେ ଛାଡ଼ି ଦିଆଯାଇଛେ । ସେନ୍ତା ସମ୍ବଲପୁରର୍ ଚେରୁଆପଡ଼ା ନ ୫ ଝନ୍, ମୈତ୍ରୀନଗର୍ ଆର୍ ମାତୃବିହାର୍ ଇଲାକା ନ ୧୦ ଝନ୍ ଝାଡ଼ାବାନ୍ତି ଆକ୍ରାନ୍ତ ଚିହ୍ନଟ୍ ହେବାର୍ ଉତ୍‌ରୁ ସ୍ୱାସ୍ଥ୍ୟବିଭାଗ୍‌ର ଟିମ୍ ଘର୍‌କେ ଘର୍ ଯାଇକରି ଲୁକ୍‌କର୍ ସ୍ୱାସ୍ଥ୍ୟ ଅବସ୍ଥା ବୁଝ୍‌ବାର୍ ସାଙ୍ଗେ ଉଷୋ ବାଁଟିଛନ୍ ।

ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍-ସ୍ୱାଇସ୍‌ଜେଟ୍ ବନ୍ଦ୍

ଆର୍‌ଏନ୍‌ୟୁ/ କଟକ୍

ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍‌ବନ୍ଦର୍‌ନୁ ସ୍ୱାଇସ୍ ଜେଟ୍ ଦିଲ୍ଲୀକେ ଚଲଉଥିବା ବିମାନ୍ ସେବାକେ ଆଏଜ୍‌ଠାନୁ ବନ୍ଦ କରିଛେ । ଇତାର୍ ଆଘୋନୁ ସ୍ୱାଇସ୍ ଜେଟ୍ କୋଲ୍‌କାତା, ହାଇଦ୍ରାବାଦ୍, ବେଙ୍ଗାଲୁରୁ ଆର୍ ମୁମ୍ବାଇକେ ବିମାନ୍‌ସେବା

ବନ୍ଦ୍ କରିଥିଲା । ଇନ ଜନେଇ ଦିଆଯାଇପାରେ ଯେ, ୨୦୨୧ ମସିହାଥି ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଝାର୍ସୁଗୁଡ଼ା ବିମାନ୍ ବନ୍ଦର୍ ନ ଜାତୀୟ ସ୍ତରର୍ ଉଡ଼ାନ୍ ପର୍ବ ଅବ୍ସରେ ଝାର୍ସୁଗୁଡ଼ାନୁ ଭିନ୍ ଭିନ୍ ଜାଗାକେ ବିମାନ୍ସେବା ମୁଲ୍ କରିଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

କାଲ୍ବୈଶାଖୀର୍ ପ୍ରଭାବ୍ଥି ଭିତ୍ରିଆ ଆର୍ ସମୁଦ୍ରଖଁଡ଼ି ଇଲାକାର୍ କିଛି ଇଲାକା ନ ହଲ୍କାନୁ ମଧମ୍ ଧରଣ୍ର ବର୍ଷା ହେଇଥିବାର୍ନୁ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ଖୋବ୍ଟେ ଜାଗାନୁ ଦିନର୍ ତାତି ୨ ନୁ ୪ ଡିଗ୍ରୀତକ୍ କମ୍ବା । ହେଲେ ତାର୍ଉତ୍ରୁ ଫେର୍ ତାତି ୩ ନୁ ୪ ଡିଗ୍ରୀତକ୍ ବଢ଼୍ବାର୍ ସମ୍ଭାବନା ଅଛେ ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ । ସୂଚ୍ନା ଅନ୍ସାରେ ଆଏବା କାଏଲ୍ ସଖାଲ୍ତକ୍ ପଶ୍ଚିମ ଓଡ଼ିଶାର୍ ନୂଆପଡ଼ା, ବଲାଙ୍ଗିର୍, ବୌଦ୍ଧ, କଲାହାଣ୍ଡି ସହେତେ ରାଜ୍ୟର୍ କେତେଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଘଡ଼୍ଘଡ଼ି ସାଙ୍ଗେ ହଲ୍କା ବର୍ଷା ହେଇପାରେ ।
ଆଏଜ୍ ଦିନର୍ ତାତି ପଶ୍ଚିମ ଓଡ଼ିଶାର୍ ଝାର୍ସୁଗୁଡ଼ା ନ ୩୮

ଦଶ୍ମିକ୍ ୬, ବଲାଙ୍ଗିର୍ ନ ୩୮, ନୂଆପଡ଼ା ଆର୍

ସୁନ୍ଦରଗଡ଼ ର ୩୭ ଦଶମିକ୍ ୪, ଭବାନୀପାଟ୍ନା ଆଉ ବରଗଡ଼ ର ୩୭, ରାଉରକେଲା ର ୩୬ ଦଶମିକ୍ ୬, ସମ୍ବଲପୁର ର ୩୬ ଦଶମିକ୍ ୫, ସୋନପୁର ର ୩୫ ଦଶମିକ୍ ୨ ଆଉ ଦେବଗଡ଼ ର ୩୪ ଦଶମିକ୍ ୬ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଛେ ।